<u>ସମ୍ବାଦ ବିଜ୍ଞପ୍ତି</u> **Strict Lancet Embargo:** ***21, 2010 04.31 ଘ. ନୂଆ ଦିଲ୍ଲୀ ସମୟ***

***21, 2010 00.01 ଘ. ଲଣ୍ଡନ ସମୟ***

***20, 2010 19.01 ଘ. ଟୋରୋଣ୍ଟ ସମୟ***


# ନୂଆ ଗବେଷଣାରୁ ମିଳିଛି ଯେ ଭାରତରେ ମ୍ୟାଲେରିଆ ଯୋଗୁଁ ପ୍ରତିବର୍ଷ 200 ହଜାର ଏଡ଼ାଇବାଯୋଗ୍ୟ ମୃତ୍ୟୁ ଘଟୁଛି ।

**ନୂଆ ଦିଲ୍ଲୀ, ଭାରତ –** ଭାରତ, କାନାଡା ଏବଂ ୟୁକେର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ଭାରତରେ ମ୍ୟାଲେରିଆ ଯୋଗୁଁ ଘଟୁଥିବା ସମୟ-ପୂର୍ବ ମୃତ୍ୟୁ ସଂଖ୍ୟାକୁ ଅତିଶୟ ଭାବେ କମ୍ ଅଟକଳ କରାଯାଇଛି ।

କାରଣ ମ୍ୟାଲେରିଆ ଅତି ସହଜରେ ଏବଂ ଶସ୍ତା ଦରରେ ଚିକିତ୍ସା କରାଯାଇପାରିବ, ଉଚିତ ଭାବେ ନିଦାନ କରାଯାଇଥିବା ମ୍ୟାଲେରିଆ ରୋଗୀଙ୍କ ସର୍ବେକ୍ଷଣ ବହୁତ କମ୍ ମୃତ୍ୟୁ ଦେଖାଇଛି । ଅଧିକାଂଶ ମ୍ୟାଲେରିଆ ମୃତ୍ୟୁ ଗ୍ରାମୀଣ ଅଞ୍ଚଳରେ ବସବାସ କରୁଥିବା ବ୍ୟକ୍ତିଙ୍କ ଠାରେ ଦେଖାଯାଏ । ଏଥି ରେ ହଠାତ ବହୁତ ଜୋର୍‌ରେ ଜ୍ୱର ଆସେ, ଯାହାକୁ କୌଣସ ସ୍ୱାସ୍ଥ୍ୟ ଯତ୍ନକାରୀ ଆଗରୁ ଦେଖିନଥିବେ ।

ଭାରତରେ ଯେକୌଣସି କାରଣରୁ ମୃତ୍ୟୁ ଘଟିଥିବା ଘଟଣାକୁ ରାଷ୍ଟ୍ରୀୟ ସ୍ତରରେ ପ୍ରତିନିଧିମୂଳକ ରୂପେ ପରିବାର ସଦସ୍ୟଙ୍କୁ ମରଣାନ୍ତକ ଅସୁସ୍ଥତା ବିଷୟରେ ପଚାରି ଏକ ନୂଆ ଅଧ୍ୟୟନ କରାଯାଇଛି । ଏହାର ପରିଣାମ ଦେଖାଇଛି ଯେ ମ୍ୟାଲେରିଆ 70 ବର୍ଷ ପୂର୍ବ ବୟସର 200 ହଜାର (2 ଲକ୍ଷ) ଲୋକଙ୍କ ସମୟ-ପୂର୍ବ ମୃତ୍ୟୁର କାରଣ ଅଟେ । (ସେଥିରେ 15 ବର୍ଷରୁ କମ୍ ବୟସ୍କ 80 ହଜାର ଶିଶୁ ଏବଂ 120 ହଜାର ବୟସ୍କ ଅନ୍ତର୍ଭୁକ୍ତ ଅଟନ୍ତି) । ମ୍ୟାଲେରିଆ ମୃତ୍ୟୁର ପୂର୍ବ ଆକଳନ ଏହି ନୂଆ ସଂଖ୍ୟା ଠାରୁ 10% କମ୍ ଅଟେ ।

"ଏହି ସବୁ ସଂଖ୍ୟାକୁ ବିଚାରକୁ ଏଥିପାଇଁ ନିଆଯାଉଛି ଯେ, ମ୍ୟାଲେରିଆ ଯଦି ସଂଗେ ସଂଗେ ଉପଚାର କରାଯାଏ ଏହା ଠିକ ହୋଇଯାଏ, ଯାହା ଏଡସ୍ କିମ୍ବା କର୍କଟ ରୋଗ କ୍ଷେତ୍ରରେ ହୋଇନ ଥାଏ", କୁହନ୍ତି ଡଃ ଭି ଏମ୍ କାଟୋଚ, ସଚିବ, ସ୍ୱାସ୍ଥ୍ୟ ଗବେଷଣା ବିଭାଗ ଏବଂ ମହାନିର୍ଦ୍ଦେଶକ ଭାରତୀୟ ଭେଷଜ ବିଜ୍ଞାନ ଗବେଷଣା ପରିଷଦ । "ଆମ ପାଖରେ ଏକ ନିରାପଦ, ପ୍ରଭାବୀ ଏବଂ ସ୍ୱଳ୍ପବ୍ୟୟୀ ଔଷଧ ରହିଛି ଯାହା ସଂଗେ ସଂଗେ ମ୍ୟାଲେରିଆ ରୋଗୀଙ୍କୁ ଭଲ କରିପାରିବ । ଆମେ କଣ ଚାହୁଁ ସ୍ୱାସ୍ଥ୍ୟ ଯତ୍ନ ସୁବିଧା ପାଇଁ ଏକ ଦ୍ରୁତ ପହଞ୍ଚ ଦରକାର ।"

ଭାରତରେ ସମସ୍ତ ପ୍ରକାର ମୃତ୍ୟୁର କାରଣ ରାଷ୍ଟ୍ରୀୟ ସ୍ତରରେ ପ୍ରତିନିଧିମୂଳକ ନମୁନାରୁ ଏହି ପରିଣାମ ମିଳିଛି । ଗବେଷଣା, ଏକ ପ୍ରମୁଖ ୟୁକେ ଭେଷଜ ପତ୍ରିକା, *ଦି ଲାନ୍‌ସେଟ*21, 2010) ରେ କାନାଡାର ଟୋରୋଣ୍ଟୋ ବିଶ୍ୱବିଦ୍ୟାଳୟ ଏବଂ ସେଣ୍ଟ ମାଇକେଲ୍ ହସ୍ପିଟାଲରେ ସେଣ୍ଟର ଫର୍ ଗ୍ଲୋବାଲ ହେଲ୍‌ଥ ରିସର୍ଚ୍ଚ (ସିଜିଏଚ୍‌ଆର୍)ରୁ ଏବଂ ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆର ଏକ ଦଳ ଦ୍ୱାରା କରାଯାଇଥିବା ଏକ ଗବେଷଣା ରିପୋର୍ଟ ଅନ୍‌ଲାଇନ୍ ପ୍ରକାଶିତ ହୋଇଛି ।

"ଏହା ପ୍ରଥମ ରାଷ୍ଟ୍ରବ୍ୟାପୀ ଅଧ୍ୟୟନ ଅଟେ, ଯେଉଁଥିରେ ଭାରତ ସାରା ସମସ୍ତ ସଂପ୍ରଦାୟରୁ ସିଧାସଳଖ ଭାବେ ମୃତ୍ୟୁର କାରଣ ସମ୍ବନ୍ଧରେ ସୂଚନା ସଂଗ୍ରହ କରାଯାଇଛି । ଏହା ପ୍ରଦର୍ଶିତ କରିଛି ଯେ ମ୍ୟାଲେରିଆ ଆଗରୁ ଆକଳନ କରାଯାଇଥିବା ମୃତ୍ୟୁ ସଂଖ୍ୟା ଠାରୁ ବହୁତ ଅଧିକ ଅଟେ । ଏହି ମୃତ୍ୟୁଗୁଡ଼ିକ ମଧ୍ୟରୁ ଅଧିକାଂଶ କେତେକ ଭାରତୀୟ ରାଜ୍ୟରେ ଅଟେ, ଯେଉଁଠି ଅତି ମାରାତ୍ମକ କିସମର ମ୍ୟାଲେରିଆ ପରଜୀବୀ ଅତି ସାଧାରଣ", କୁହନ୍ତି କୋ-ଲିଡ୍ ଅଥର ପ୍ରଫେସର ପ୍ରଭାତ ଝା, ସିଜିଏଚ୍‌ଆର୍ ନିର୍ଦ୍ଦେଶକ ।

ଓଡ଼ିଶା ରାଜ୍ୟରେ ଅନ୍ୟ କୌଣସି ରାଜ୍ୟ ଠାରୁ ଅଧିକ ମ୍ୟାଲେରିଆ ମୃତ୍ୟୁ ଘଟେ, ପ୍ରତିବର୍ଷ 50 ହଜାର ଅଟେ । ଅନ୍ୟ 'ଉଚ୍ଚ ମ୍ୟାଲେରିଆ' ପ୍ରଭାବିତ ରାଜ୍ୟଗୁଡ଼ିକ ମଧ୍ୟ ପୂର୍ବ ଭାରତରେ ଅବସ୍ଥିତ ଅଟେ । ସେଗୁଡ଼ିକ ହେଉଛି ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଆସାମ ।

ଏହି ଅଧ୍ୟୟନରେ 6671 ସ୍ଥାନକୁ କଭର କରାଯାଇଛି, ପ୍ରତ୍ୟେକ ସ୍ଥାନରେ 200 ଘର ସର୍ବେକ୍ଷଣ କରାଯାଇଛି । ଏହି ସ୍ଥାନଗୁଡ଼ିକୁ ସମଗ୍ର ଭାରତବର୍ଷର ପ୍ରତିନିଧି ସ୍ୱରୂପ ଅନିୟତ ରୂପେ ବଛାଯାଇଥିଲା । ସେହି କାର୍ଯ୍ୟରେ 800 ଜଣ ଫିଲ୍‌ଡ୍ ୱାର୍କର 2001-2003 ବର୍ଷରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କର 122 ହଜାର ପରିବାରକୁ ସାକ୍ଷାତ କରି ମୃତ୍ୟୁର ଲକ୍ଷଣ ଏବଂ ପରିବେଶ ବିଷୟରେ ପଚାରିଥିଲେ । ଏହି ପରିବାରଗୁଡ଼ିକର ବଖାଣ ଉପରେ ଆଧାରିତ ଲିଖିତ ରିପୋର୍ଟକୁ ବ୍ୟକ୍ତିଗତ ଭାବେ ଅତି କମ୍‌ରେ ଦୁଇଜଣ ଡାକ୍ତରଙ୍କ ଦ୍ୱାରା କୋଡିଂ କରାଯାଇଥିଲା, ଯାହା ପ୍ରତି ମୃତ୍ୟୁର ସମ୍ଭାବ୍ୟ କାରଣକୁ ଦର୍ଶାଇଥିଲା ।

ଏହି କୋଡର୍‌ମାନେ, ପରିମାଣତଃ, ସହମତ ହୋଇଥିଲେ ଯେ 1 ମାସରୁ 70 ବର୍ଷ ବୟସ୍କ ସମସ୍ତ ମୃତ ବ୍ୟକ୍ତିଙ୍କ ମଧ୍ୟରୁ 4% ମ୍ୟାଲେରିଆ ସମ୍ଭାବ୍ୟ ମୃତ୍ୟୁ ଥିଲା । ଏହି ସମାନୁପାତ ବୟସ ଅନୁସାରେ ଅଲଗା ଅଲଗା ଥିଲା । (ପ୍ରଥମ ମାସରେ 0%, ପରବର୍ତ୍ତୀ ଶୈଶବ ଅବସ୍ଥାରେ 6% ଏବଂ ବୟସ୍କଙ୍କ ଠାରେ 3% ଅଟେ) । ପ୍ରତି ବୟସ ରେଞ୍ଜ୍‌ରେ ସମଗ୍ର ଭାରତବର୍ଷରେ ଯେକୌଣସି କାରଣରୁ ବାର୍ଷିକ ମୃତ୍ୟୁ ସଂଖ୍ୟା ରାଷ୍ଟ୍ରୀୟ ପରିସଂଖ୍ୟାନରୁ ଜଣାପଡ଼େ । ଏହି ଅଧ୍ୟୟନରୁ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ଜଣାପଡ଼େ । ଏହାକୁ ମିଶାଇଲେ ମ୍ୟାଲେରିଆ ଯୋଗୁଁ ହୋଇ ଥିବା ମୃତ୍ୟୁର ରାଷ୍ଟ୍ରୀୟ ସଂଖ୍ୟା ମିଳେ ।

ସର୍ବୋପରି, ମ୍ୟାଲେରିଆ ପ୍ରତିବର୍ଷ 200 ହଜାର (2 ଲକ୍ଷ) ଲୋକଙ୍କର ସମୟ-ପୂର୍ବ ମୃତ୍ୟୁର କାରଣ ହୋଇଛି । ମ୍ୟାଲେରିଆ ମୃତ୍ୟୁ ଘଟଣାର 90% ଭାଗ ଗ୍ରାମୀଣ କ୍ଷେତ୍ରରେ ଏବଂ 86% ବିନା ଡାକ୍ତରୀ ନିରୀକ୍ଷଣରେ ଘରେ ହିଁ ଘଟିଥିଲା ।

15 ହଜାର ବୋଲି ଗ୍ରହଣ କରାଯାଇଥିଲା ତାହା ବୁଝାଇଛନ୍ତି । ଏହି ସଂଖ୍ୟାରେ ସଂଗେ ସଂଗେ ଅସୁସ୍ଥତା ଆସିଥିବା କଥା, ଯାହାକୁ ସ୍ୱାସ୍ଥ୍ୟଯତ୍ନକାରୀ ଦେଖିନଥିବେ ତାହା ମିଶିନଥିବ ।

ସେ ପୁଣି କହନ୍ତି ଯେ, ଯେହେତୁ ଭାରତରେ ଅଧିକାଂଶ ମ୍ୟାଲେରିଆ ଜନିତ ମୃତ୍ୟୁ ସ୍ୱାସ୍ଥ୍ୟ ଯତ୍ନ ସୁବିଧା ଠାରୁ ବହୁ ଦୂରରେ ଘଟେ, "ମ୍ୟାଲେରିଆ ଜନିତ ମୃତ୍ୟୁଗୁଡ଼ିକ ସ୍ୱାସ୍ଥ୍ୟ ରିପୋର୍ଟିଂ ସିଷ୍ଟମ ପାଇଁ ଅଦୃଶ୍ୟ ହୋଇ ରହିଥାଏ ।"

ଅଧ୍ୟୟନ କର୍ତ୍ତାମାନେ କୁହନ୍ତି, "ଯଦି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଭାରତରେ କିମ୍ବା ବିଶ୍ୱ ସାରା ବୟସ୍କମାନଙ୍କ ମଧ୍ୟରେ ମ୍ୟାଲେରୀ ଜନିତ ମୃତ୍ୟୁ ସଂଖ୍ୟାର ଆକଳନ କରନ୍ତି, ତାହା ସାଂଘାତିକ ଭାବେ କମ୍ ଆକଳନ କରାଯାଇପାରେ, ଏହା ପରେ ରୋଗ ନିୟନ୍ତ୍ରଣ ରଣକୌଶଳକୁ ବଦଳାଇପାରେ, ବିଶେଷ କରି ମ୍ୟାଲେରିଆ ବୋଝ ବହନ କରିଥିବା ରାଜ୍ୟଗୁଡ଼ିକର ଗ୍ରାମୀଣ ଭାଗଗୁଡିକରେ ।" ସେମାନେ ପୁନଃ ସୁପାରିଶ କରିଛନ୍ତି ଯେ ଭାରତ, ଆଫ୍ରିକା ଏବଂ ଅନ୍ୟ ଦେଶଗୁଡ଼ିକରେ ମ୍ୟାଲେରିଆ ଘଟଣା ଏବଂ ମୃତ୍ୟୁହାରର ଉଚିତ ଆକଳନ ଉଭୟ ଶିଶୁ ଏବଂ ବୟସ୍କମାନଙ୍କ ସାମୁହିକ ଚିକିତ୍ସା ପାଇଁ ଅଧିକ ଫଳପ୍ରଦ ଭାଞ୍ଚା ଏବଂ ସୁଲଭ୍ୟ ପହୁଞ୍ଚ ପ୍ରଦାନ କରିପାରିବ ।

ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ଏବଂ ଅର୍ଥଶାସ୍ତ୍ରରେ 1972 ମସିହାରେ ନୋବେଲ ପୁରସ୍କାର ବିଜେତା କେନେଥ ଜେ ଆରୋ କୁହନ୍ତି, "ମ୍ୟାଲେରିଆ ପାଇଁ ଆର୍ଟିମିସିନିନ୍ କମ୍ବିନେଶନ ଥେରାପି ବହୁତ କାର୍ଯ୍ୟଦକ୍ଷ ଅଟେ ଏବଂ ସୁଲଭ୍ୟ ମେଡିସିନ୍ ଫେସିଲିଟିଗୁଡ଼ିକରେ ଅତି କମ୍ ଦାମରେ ଉପଲବ୍ଧ ଅଟେ । ଏହି ଉପଚାର ଉଭୟ ଶିଶୁ ଏବଂ ବୟସ୍କମାନଙ୍କ ପାଇଁ ରାଷ୍ଟ୍ରାୟତ୍ତ ଏବଂ/କିମ୍ବା ଘରୋଇ ବିତରଣ ଚ୍ୟାନେଲ ମାଧ୍ୟମରେ ଉପଲବ୍ଧ ହେବା ଦରକାର ।"

**ପ୍ରମୁଖ ବିନ୍ଦୁ:**

- ଭାରତରେ ସମସ୍ତ ମୃତ୍ୟୁର କାରଣକୁ ପ୍ରତିନିଧିତ୍ୱ କରୁଥିବା ପ୍ରଥମ ରାଷ୍ଟ୍ରୀୟ ନମୁନା;
- 1 ମାସରୁ 70 ବର୍ଷ ମଧ୍ୟରେ 75 342 ଅଧ୍ୟୟନ ମୃତ୍ୟୁ ମଧ୍ୟରୁ, 2681 (3.6%) ଜଣ ହେଉଛନ୍ତି ମ୍ୟାଲେରିଆ ଯୋଗୁଁ;
- ଏହିପରି ମ୍ୟାଲେରିଆ ପ୍ରତିବର୍ଷ ମୋଟ ଉପରେ ଭାରତରେ ପ୍ରାୟ 200 ହଜାର (2 ଲକ୍ଷ) 70 ବର୍ଷ କମ୍ ବୟସ୍କଙ୍କ ମୃତ୍ୟୁର କାରଣ ହୋଇଥିବ, ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ଆକଳିତ ସବୁ ବୟସର ମାତ୍ର 15 ହଜାର ସଂଖ୍ୟା ଠାରୁ ବହୁତ ଅଧିକ ।
- ଏହି ମ୍ୟାଲେରିଆ ଜନିତ ମୃତ୍ୟୁଗୁଡ଼ିକ ମଧ୍ୟରୁ 55 ହଜାର ହେଉଛି ଶୈଶବ ଅବସ୍ଥାରେ, 30 ହଜାର 5-14 ବୟସ ଗ୍ରୁପର ଏବଂ 120 ହଜାର (1.2 ଲକ୍ଷ) 15-69 ବୟସ ବର୍ଗର ଅଟନ୍ତି ;
- ଶୀଘ୍ର ଶୈଶବ ଏବଂ ମଧ୍ୟ ବୟସର ପରବର୍ତ୍ତୀ କାଳରେ ଉଚ୍ଚ ମୃତ୍ୟୁ ହାର;
- 90% ମ୍ୟାଲେରିଆ ଜନିତ ମୃତ୍ୟୁ ଗ୍ରାମୀଣ ଅଞ୍ଚଳରେ ଏବଂ 86% କୌଣସି ପ୍ରକାର ସ୍ୱାସ୍ଥ୍ୟ ସୁବିଧାରେ ନୁହେଁ;
- ମ୍ୟାଲେରିଆ ଜନିତ ମୃତ୍ୟୁର ଅର୍ଦ୍ଧେକ ସଂଖ୍ୟା କେତେକ ପୂର୍ବ ଭାରତ (ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ଆସାମ ଏବଂ ଏହାର ଛୋଟ ପଡ଼ୋଶୀ ରାଜ୍ୟ)ର ଉଚ୍ଚ ମ୍ୟାଲେରିଆ ପ୍ରବଣ ରାଜ୍ୟରେ ହିଁ ଅଟେ;
- ସାଂପ୍ରତିକ ମ୍ୟାଲେରିଆ ମୃତ୍ୟୁ ହାରରେ, ଗୋଟିଏ ସାଧାରଣ ଭାରତୀୟ ଶିଶୁର 70 ବର୍ଷ ପୂର୍ବରୁ ମ୍ୟାଲେରିଆ ଯୋଗୁଁ ମୃତ୍ୟୁର 2% ସମ୍ଭାବନା ରହିଛି (ଯଦି ଅନ୍ୟ କାରଣରୁ ମୃତ୍ୟୁର ଅନୁପସ୍ଥିତିକୁ ବାଦ୍ ଦିଆଯାଏ), ମାତ୍ର ଏହି ରିସ୍କ ଉଚ୍ଚ ମ୍ୟାଲେରିଆ ରାଜ୍ୟଗୁଡ଼ିକରେ ବହୁତ ଅଧିକ ଅଟେ;
- ମ୍ୟାଲେରିଆ ମୃତ୍ୟୁଗୁଡ଼ିକ ସେହି ରାଜ୍ୟଗୁଡ଼ିକରେ ଘଟେ, ଯେଉଁଠି ଭାରତୀୟ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅତି ସାଂଘାତିକ କିସମର ମ୍ୟାଲେରିଆ ପରଜୀବି (*ପ୍ଲାଜମୋଡିଅମ୍ ଫାଲସିପାରମ୍*) ପାଇଥାନ୍ତି, ମାତ୍ର ସେଗୁଡ଼ିକ ସେହି ରାଜ୍ୟ ନୁହନ୍ତି, ଯେଉଁଠି ଅନ୍ୟ ରୋଗ ଅଧିକ ଥାଇପାରେ, ଯାହାକୁ ଭୁଲରେ ମ୍ୟାଲେରିଆ ବୋଲି ଧରିନିଆଯାଏ ।

*ଭାରତୀୟ ତଥା ପାଶ୍ଚାତ୍ୟ ସଂଖ୍ୟା ଉପରେ ନୋଟ୍: 1 ଲକ୍ଷ = 100 ହଜାର*

ଭାରତରେ ବୟସ୍କ ଏବଂ ଶିଶୁ ମ୍ୟାଲେରିଆ ମୃତ୍ୟୁ ହାର: ଏକ ରାଷ୍ଟ୍ରୀୟ ପ୍ରତିନିଧିମୂଳକ ମୃତ୍ୟୁହାର ସର୍ବେକ୍ଷଣ । *ଦି ଲାନ୍‌ସେଟ୍, 21 2010,* DOI: S0140-6736 (10) 60831-8*(www.thelancet.com)*

**ଅଧିକ ସୂଚନା**

ନର୍ଥ ଆମେରିକା ମିଡିଆ (ପ୍ରଫେସର ପ୍ରଭାତ ଝାଙ୍କ ନିମନ୍ତେ): ସୁଶ୍ରୀ ଆନସେଲି ୱଙ୍ଗ, ମୋବାଇଲ୍ (+1) 416 662 1347, ଇମେଲ: wongans@smh.ca

ଭାରତୀୟ ମିଡିଆ : ସୁଶ୍ରୀ ପ୍ରଭା ସତୀ (ପ୍ରଫେସର ପ୍ରଭାତ ଝାଙ୍କ ନିମନ୍ତେ), ଟେଲିଫୋନ୍ (+91) 971 196 4550, ଇମେଲ: satip@smh.ca
ଡଃ ବିନୋଦ ପି ଶର୍ମା, ମୋବାଇଲ୍ (+91) 981 070 6411, ଇମେଲ: vinodsharma1938@gmail.com

ୟୁକେ ଏବଂ ୟୁରୋପୀୟ ମିଡିଆ (ପ୍ରଫେସର ସାର୍ ରିଚାର୍ଡ ପିଟୋଙ୍କ ପାଇଁ): ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରେସ୍ ଅଫିସ, ଟେଲିଫୋନ୍ (+44) 1865 280530, ଇମେଲ: press.office@admin.ox.ac.uk କିମ୍ବା ଇମେଲ: Richard.Peto@ctsu.ox.ac.uk

**ଆଞ୍ଚଳିକ ଭାରତୀୟ ଭାଷାରେ ଭାରତୀୟ ରିସର୍ଚ୍ଚ ପେପର, ପ୍ରେସ ବିଜ୍ଞପ୍ତି, ଗୋଟିଏ ଭିଡିଓ ନିଉଜ୍ ରିଲିଜ୍ (ଭାରତୀୟ ଆଞ୍ଚଳିକ ଭାଷାର ସଂସ୍କରଣ ସହିତ), ପ୍ରଖ୍ୟାତ ବୈଜ୍ଞାନିକମାନଙ୍କର ମନ୍ତବ୍ୟ, ବାରମ୍ବାର ପଚରାଯାଉଥିବା ପ୍ରଶ୍ନସମୂହ, ଏବଂ ପ୍ରମୁଖ ପରିମାଣର ପାୱାରପଏଣ୍ଟ ସ୍ଲାଇଡ୍‌ଗୁଡ଼ିକ www.cghr.org/malaria ରେ ଉପଲବ୍ଧ ।**

**ନୂଆ ଦିଲ୍ଲୀର ଏମ୍ବାରଗୋଏଡ୍ ସମ୍ବାଦଦାତା ସମ୍ମିଳନୀ ତାଜ ମହଲ ହୋଟେଲ, 1 ମାନସିଂହ ରୋଡରେ ଗୁରୁବାର, 21 ଦିନ 11.30 ରୁ 13.30 ଘ. ରେ:** ନିମନ୍ତ୍ରଣ ସକାଶେ ସଂପର୍କ କରନ୍ତୁ ସୁଶ୍ରୀ ପ୍ରଭା ସତୀ (+91) 971 196 4550 ନମ୍ବରରେ ।

(ସମାପ୍ତ)